OPEN ACCESS

*Int. Jr. of Contemp. Res. in Multi.* *PEER-REVIEWED JOURNAL* *Volume 4 Issue 6 [Nov- Dec] Year 2025*




*Research Article*

# ଓଡ଼ିଆ ସାହିତ୍ୟର ବିକାଶରେ କନ୍ଧମାଳର ପତ୍ରପତ୍ରିକା

**ଡ଼ . ନଳିନୀ କୁମାର ପାଣିଗ୍ରାହୀ**

ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, କଳିଙ୍ଗ ମହାବିଦ୍ୟାଳୟ, ଘୁ. ଉଦୟଗିରି, କନ୍ଧମାଳ, ଓଡ଼ିଶା, ଭାରତ

**Corresponding Author:** * ଡ଼. ନଳିନୀ କୁମାର ପାଣିଗ୍ରାହୀ

**DOI:** https://doi.org/10.5281/zenodo.20307285

**ସାରସଂକ୍ଷେପ**

ଓଡ଼ିଆ ଭାଷା ଓ ସାହିତ୍ୟର ସମୃଦ୍ଧି ତଥା ଜନମାନସରେ ସାମାଜିକ, ସାଂସ୍କୃତିକ ଓ ବୌଦ୍ଧିକ ଜାଗରଣ ସୃଷ୍ଟି କରିବାରେ ସାରସ୍ୱତ ପତ୍ରପତ୍ରିକାର ଭୂମିକା ଅନନ୍ୟ । ଆଧୁନିକ ଓଡ଼ିଆ ସାହିତ୍ୟର ବିକାଶ ଧାରାରେ ଆଞ୍ଚଳିକ ପତ୍ରପତ୍ରିକା ଗୁଡ଼ିକର ଅବଦାନକୁ ଅସ୍ୱୀକାର କରାଯାଇନପାରେ । ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଅନ୍ୟତମ ପ୍ରମୁଖ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା କନ୍ଧମାଳରୁ ପ୍ରକାଶିତ ସାହିତ୍ୟିକ, ସାମାଜିକ ଓ ସମ୍ବାଦଧର୍ମୀ ପତ୍ରପତ୍ରିକାର ଐତିହାସିକ ବିବର୍ତ୍ତନ ଓ ଅବଦାନ ସମ୍ପର୍କରେ ଏହି ପ୍ରବନ୍ଧରେ ଆଲୋଚନା କରାଯାଇଛି । ୧୯୪୫ ମସିହାରେ ପ୍ରକାଶିତ ଜିଲ୍ଲାର ପ୍ରଥମ ପତ୍ରିକା 'ବୌଦ୍ଧ ବାର୍ତ୍ତା' ଠାରୁ ଆରମ୍ଭ କରି ପରବର୍ତ୍ତୀ ସମୟରେ ଘୁ. ଉଦୟଗିରି, ଫୁଲବାଣୀ, ବାଲିଗୁଡା, ଦାରିଙ୍ଗବାଡି ଆଦି ଅଞ୍ଚଳରୁ ଆତ୍ମପ୍ରକାଶ କରିଥିବା ବିଭିନ୍ନ ପତ୍ରିକା ଯଥା— 'ଅନ୍ୱେଷଣ', 'ସଂଗ୍ରାମ', 'ବନମାଳା', 'ଇପ୍ସିତା', 'ବନଜ୍ୟୋତ୍ସ୍ନା', 'କୁରେଇ', 'ହିରଣ୍ୟଦା' ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ମୁଖପତ୍ର ଗୁଡ଼ିକର ସାରସ୍ୱତ ଭୂମିକାକୁ ଏଥିରେ ସମୀକ୍ଷା କରାଯାଇଛି । ଭୌଗୋଳିକ ଓ ଆର୍ଥିକ ପ୍ରତିକୂଳତା ସତ୍ତ୍ୱେ କନ୍ଧମାଳର ସାରସ୍ୱତ ସାଧକ ଓ ବୁଦ୍ଧିଜୀବୀମାନଙ୍କ ପ୍ରଚେଷ୍ଟାରେ ପ୍ରକାଶିତ ଏହି ସ୍ୱଳ୍ପଜୀବୀ ଓ ଦୀର୍ଘଜୀବୀ ପତ୍ରପତ୍ରିକା ଗୁଡ଼ିକ କିପରି ନୂତନ ସ୍ରଷ୍ଟା ସୃଷ୍ଟି କରିବା ସହ ଓଡ଼ିଆ ସାହିତ୍ୟର ବିକାଶରେ 'ଗୁଣ୍ଡୁଚି ମୂଷା'ର ସଫଳ ଭୂମିକା ନିର୍ବାହ କରିଛନ୍ତି, ତାହା ଦର୍ଶାଇବା ହିଁ ଏହି ସନ୍ଦର୍ଭର ମୂଳ ଆଭିମୁଖ୍ୟ ।

**Manuscript Information**

- **ISSN No:** 2583-7397
- **Received:** 13-11-2025
- **Accepted:** 27-12-2025
- **Published:** 30-12-2025
- **IJCRM:**4(6); 2025: 751-754
- **©2025, All Rights Reserved**
- **Plagiarism Checked:** Yes
- **Peer Review Process:** Yes

**How to Cite this Article**

ଡ଼ . ନଳିନୀ କୁମାର ପାଣିଗ୍ରାହୀ. ଓଡ଼ିଆ ସାହିତ୍ୟର ବିକାଶରେ କନ୍ଧମାଳର ପତ୍ରପତ୍ରିକା. Int J Contemp Res Multidiscip. 2025;4(6):751-754.

**Access this Article Online**

www.multiarticlesjournal.com

**ସୂଚକ ଶବ୍ଦ:** ଓଡ଼ିଆ ସାହିତ୍ୟ, କନ୍ଧମାଳ, ପତ୍ରପତ୍ରିକା, ସାରସ୍ୱତ ଜାଗରଣ, ବନଜ୍ୟୋତ୍ସ୍ନା, ମୁଖପତ୍ର ।


© 2025 Bikash Barman. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

## ପ୍ରସ୍ତାବନା

ସାହିତ୍ୟର ବିକାଶରେ ପତ୍ରପତ୍ରିକାର ଅବଦାନ ଅତୁଳନୀୟ । ଏହା କେବଳ ଓଡ଼ିଆ ସାହିତ୍ୟ ନୁହେଁ, ବିଶ୍ୱର ସମସ୍ତ ସାହିତ୍ୟ ପାଇଁ ଉପଯୋଗୀ କହିଲେ ସତ୍ୟର ଅପଳାପ ହେବ ନାହିଁ। କାରଣ ସ୍ରଷ୍ଟାର ସୃଷ୍ଟିକୁ ସାଧାରଣ ମଣିଷମାନଙ୍କ ନିକଟରେ ପହଞ୍ଚେଇବାର ଯେଉଁ ଅନନ୍ୟ ମାଧ୍ୟମଟିଏ ଆବଶ୍ୟକ ହୋଇଥାଏ ତାହା କେବଳ ପତ୍ରପତ୍ରିକା ବ୍ୟତୀତ ଅନ୍ୟ କିଛି ନୁହେଁ । "ସାହିତ୍ୟ ହେଉଛି ସମାଜର ପ୍ରତିବିମ୍ବ ଏବଂ ପତ୍ରପତ୍ରିକା ହେଉଛି ସେହି ପ୍ରତିବିମ୍ବକୁ ଜନମାନସରେ ବିଚ୍ଛୁରିତ କରୁଥିବା ଏକ ସମର୍ଥ ମାଧ୍ୟମ।" ମାନବୀୟ ଚେତନାର ବିବର୍ତ୍ତନ, ସାଂସ୍କୃତିକ ଜାଗରଣ ଓ ବୌଦ୍ଧିକ ଅଭିବୃଦ୍ଧିର ଇତିହାସ ସହିତ ସାରସ୍ୱତ ପତ୍ରପତ୍ରିକାର ସମ୍ପର୍କ ଅବିଚ୍ଛେଦ୍ୟ । ଏକ ଶିକ୍ଷିତ, ସଚେତନ ଓ ପ୍ରଗତିଶୀଳ ସମାଜ ଗଠନରେ ଏହାର ଭୂମିକା ଅନନ୍ୟ । ପୁସ୍ତକ ପ୍ରକାଶନ ପୂର୍ବରୁ ବା ପୁସ୍ତକ ସହିତ ସମାନ୍ତରାଳ ଭାବେ ପତ୍ରପତ୍ରିକା ହିଁ ସ୍ରଷ୍ଟା ଓ ପାଠକ ମଧ୍ୟରେ ସେତୁ ବନ୍ଧନ ପ୍ରତିଷ୍ଠା କରିଥାଏ । ବିଶିଷ୍ଟ ପ୍ରାବନ୍ଧିକ ଚନ୍ଦ୍ରମୋହନ ମହାରଣାଙ୍କ ମତରେ, ଖଣ୍ଡିଏ ପୁସ୍ତକ ଅପେକ୍ଷା ଏକ ପତ୍ରିକା ପାଠକର ବହୁବିଧ ମାନସିକ କ୍ଲାନ୍ତି ନିବାରଣ ଓ ଆଗ୍ରହ ସଂଚାର କରିବାରେ ଅଧିକ ସମର୍ଥ, କାରଣ ଏହା ସ୍ୱଳ୍ପ ବ୍ୟୟରେ ନାନା ବିଷୟକ ଜ୍ଞାନ ଆହରଣର ସୁଯୋଗ ସୃଷ୍ଟି କରେ । ଅତଏବ, କୌଣସି ଜାତିର ସାହିତ୍ୟିକ ସମୃଦ୍ଧିକୁ ଆକଳନ କରିବାକୁ ହେଲେ ସେହି ମାଟିରୁ ପ୍ରକାଶିତ ପତ୍ରପତ୍ରିକାର ଇତିହାସକୁ ଅନୁଧ୍ୟାନ କରିବା ଏକାନ୍ତ ଆବଶ୍ୟକ ।ଏ କ୍ଷେତ୍ରରେ ଚନ୍ଦ୍ରମୋହନ ମହାରଣା ଉତ୍କଳ ସାହିତ୍ୟରେ ପ୍ରଦାନ କରିଥିବା ମତଟିକୁ ଉଦ୍ଧାର କରିବା ଯଥାର୍ଥ ମନେହୁଏ । ଯଥା- ''ଖଣ୍ଡିଏ ପୁସ୍ତକରେ ସାଧାରଣତଃ ଗୋଟିଏ ବିଷୟରେ ଆଲୋଚନା କରାଯାଇଥାଏ, କିନ୍ତୁ ଖଣ୍ଡିଏ ପତ୍ରିକାରେ ନାନା ବିଷୟରେ ଆଲୋଚନା ଥାଏ; ସୁତରାଂ ଖଣ୍ଡିଏ ପତ୍ରିକା ଠାରୁ ନାନା ପୁସ୍ତକ ପାଠର ଫଳ ନ୍ୟୁନାଧିକ ପରିମାଣରେ ମିଳେ । ପୁଣି ପାଞ୍ଚଖଣ୍ଡ ପୁସ୍ତକ କିଣିବା ଅସଂପର୍ଣ୍ଣ ଲୋକ ପକ୍ଷରେ କଠିନ ହୋଇପାରେ । ଅଥଚ ପତ୍ରିକା ଖଣ୍ଡେ କିଣିବା ସେତେ ଦୂର କଠିନ ନ ହୋଇପାରେ । ପତ୍ରିକା ଖଣ୍ଡିକରେ ନାନା ବିଷୟକ ପ୍ରବଂଧ ସମାବେଶ ଥିବାରୁ ବିଷୟ ପରିବର୍ତ୍ତନ କିୟତ୍ ପରିମାଣରେ ମାନସିକ କ୍ଲାନ୍ତି ନିବାରଣ ଓ ଆଗ୍ରହ ସଂଚାର କରେ ।''(ଡ. ବୈଷ୍ଣବ ଚରଣ ସାମଲ- ସମାଲୋଚନା: ସ୍ୱର ଓ ସ୍ୱାକ୍ଷର, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ,୧୯୯୦, ପୃଷ୍ଠା: ୧୫୯) ପ୍ରକାରାନ୍ତରେ ସାମାଜିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ରାଜନୀତିକ, ଅର୍ଥନୀତିକ ବିଷୟ ସମ୍ପର୍କରେ ଜନ ସଚେତନତା ସୃଷ୍ଟି ଏବଂ ବୌଦ୍ଧିକ ବିକାଶରେ ପତ୍ରପତ୍ରିକାର ଭୂମିକା ଅନବଦ୍ୟ । ତାହା ଦୈନିକ ହେଉ, ହେଉ ଅବା ପାକ୍ଷିକ, ମାସିକ, ତ୍ରୈମାସିକ କିମ୍ବା ବାର୍ଷିକ ସଚେତନତା ସୃଷ୍ଟି ହିଁ ପତ୍ରପତ୍ରିକାର ମୂଳ ଆଭିମୁଖ୍ୟ- ଏହା ଏକାନ୍ତ ସ୍ୱୀକାର୍ଯ୍ୟ । ଅପରନ୍ତୁ ପତ୍ରିକା ପ୍ରକାଶ ଓ ତା'ର ପରିଚାଳନା ଏକ ଜାଗ୍ରତ ଶିକ୍ଷିତ ଶ୍ରେଣୀ ଓ ଆତ୍ମ ସଚେତନ ସଂପନ୍ନ ଜାତି ଉପରେ ସଂପୂର୍ଣ୍ଣ ନିର୍ଭର କରେ । (ଡ. ନଟବର ସାମନ୍ତରାୟ- ଓଡ଼ିଆ ସାହିତ୍ୟର ଇତିହାସ, ୧୯୬୪, ପୃଷ୍ଠା: ୧୭୫) ଅତଏବ ଏଥିରୁ ସ୍ପଷ୍ଟ ହୁଏ ଯେ, ପତ୍ରପତ୍ରିକା ସଚେତନତା ସୃଷ୍ଟି କ୍ଷେତ୍ରରେ ଗ୍ରହଣ କରିଥାଏ ଏକ ଅଗ୍ରଣୀ ଭୂମିକା ।

ବସ୍ତୁତଃ ଆଧୁନିକ ଯୁଗରେ ମୁଦ୍ରାଯନ୍ତ୍ରର ପ୍ରତିଷ୍ଠା ଯୋଗୁଁ ପତ୍ରପତ୍ରିକା ମାନଙ୍କର ପ୍ରକାଶନର ସୂତ୍ରପାତ ଘଟିଥିଲା । ଧର୍ମ ପ୍ରଚାରକୁ ମୂଳାଧାର କରି ଖ୍ରୀଷ୍ଟିୟାନ ପାଦ୍ରୀମାନେ ପ୍ରଥମତଃ ୧୮୩୭ ଖ୍ରୀଷ୍ଟାବ୍ଦରେ ମିଶନ୍ ପ୍ରେସ୍ ପ୍ରତିଷ୍ଠା କରିଥିଲେ । ପାଦ୍ରୀମାନଙ୍କ ଦ୍ୱାରା ଏହି ମୁଦ୍ରାଯନ୍ତ୍ରରୁ ଖ୍ରୀ ୧୮୪୯ରେ 'ଜ୍ଞାନରୁଣ' ନାମକ ଓଡ଼ିଆରେ ପ୍ରଥମ ପତ୍ରିକା ପ୍ରକାଶ ପାଇଥିଲା । ତା'ପରେ କର୍ମଯୋଗୀ ଗୌରୀ ଶଙ୍କରଙ୍କ ଉଦ୍ୟମରେ କଟକ ପ୍ରିଣ୍ଟିଂ କମ୍ପାନୀ ସ୍ଥାପିତ ହେଲା ଓ 'ଉତ୍କଳ ଦର୍ପଣ' ନାମକ ଓଡ଼ିଶାର ପ୍ରଥମ ସାହିତ୍ୟ ମାସିକ ପତ୍ରିକା ଖ୍ରୀ୧୮୭୩ ରେ ପ୍ରକାଶ ପାଇଲା । 'ଉତ୍କଳ ଦର୍ପଣ' ଥିଲା ଯଥାର୍ଥରେ ଆଧୁନିକ ସାହିତ୍ୟ ସୃଷ୍ଟିର ପ୍ରଥମ ଶଙ୍ଖ ।(ଡ. ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ- ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ, ଗ୍ରନ୍ଥ ମନ୍ଦିର, କଟକ, ୨୦୧୬, ପୃଷ୍ଠା: ୧୬୩) ଏହାର ପରବର୍ତ୍ତୀ ସମୟରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପ୍ରକାଶ ପାଇଥିଲା ବିବିଧ ପତ୍ରପତ୍ରିକା, ଯାହାକି ଓଡ଼ିଆ ସାହିତ୍ୟର ବିକାଶରେ ଯଥେଷ୍ଟ ସହାୟତା କରିଥିଲା କହିଲେ ଅସମୀଚୀନ ହେବ ନାହିଁ। ଏ କ୍ଷେତ୍ରରେ ଦକ୍ଷିଣ ଓଡ଼ିଶାର ଅବଦାନ ଅତୁଳନୀୟ । ଦକ୍ଷିଣ ଓଡ଼ିଶାର ପ୍ରାଣ କେନ୍ଦ୍ର ବ୍ରହ୍ମପୁରରୁ ୧୮୭୫ ମସିହାରେ ଉଇଲିୟମ୍ ମହାନ୍ତିଙ୍କ ସମ୍ପାଦନରେ ପ୍ରକାଶ ପାଇଥିଲା 'ସ୍ୱଦେଶୀ' ନାମକ ଏକ ସାପ୍ତାହିକ ପତ୍ରିକା । ଅପରନ୍ତୁ ୧୮୭୭ ମସିହାରେ ତାଙ୍କ ସମ୍ପାଦନାରେ 'ବାର୍ତ୍ତା ଲହରୀ' ନାମକ ଅନ୍ୟ ଏକ ପାକ୍ଷିକ ପତ୍ରିକା ମଧ୍ୟ ଆତ୍ମପ୍ରକାଶ କରିଥିବା ଜଣାଯାଏ । ୧୮୯୦ରେ ପାରଳା ରାଜା ଗୌରଚନ୍ଦ୍ରଙ୍କ ଦ୍ୱାରା ନିଜ ପ୍ରାସାଦରେ ସ୍ଥାପିତ ହୋଇଥିବା ଗଜପତି ପ୍ରେସରୁ ଶ୍ୟାମସୁନ୍ଦର ରାଜଗୁରୁଙ୍କ ସଂପାଦକତ୍ୱରେ ପ୍ରକାଶିତ ହେଉଥିବା 'Gajam News', ୧୮୯୯ରୁ ଗୁନେୟା ଶାସ୍ତ୍ରୀଙ୍କ ଶ୍ରୀ ସରସ୍ୱତୀ ପ୍ରେସ୍, ବ୍ରହ୍ମପୁରରୁ ପ୍ରଥମେ ମଞ୍ଜୁଷାର ପଣ୍ଡିତ ଗଦାଧର ବିଦ୍ୟା ଭୂଷଣ ଏବଂ ପରେ କବି ଶେଖର ଚିନ୍ତାମଣି ମହାନ୍ତିଙ୍କ ସଂପାଦକତ୍ୱରେ ପ୍ରକାଶ ପାଉଥିବା 'ଗଞ୍ଜାମ ଓଡ଼ିଆ ହିତବାଦିନୀ'(ସାପ୍ତାହିକ) ଖଲ୍ଲିକୋଟ ରାଜାଙ୍କ ଆନୁକୁଲ୍ୟରେ ନୀଳମଣି ବିଦ୍ୟାରତ୍ନ ସଂପାଦକତ୍ୱରେ ରମ୍ଭାରୁ ୧୮୮୨ରୁ ପ୍ରକାଶିତ ହେଉଥିବା 'ପ୍ରଜାବନ୍ଧୁ', ବଡ଼ଖେମୁଣ୍ଡି ରାଜା କୃପାମୟ ଦେବଙ୍କ ଭୀମଦେବ ପ୍ରେସରୁ ପ୍ରକାଶିତ ହେଉଥିବା 'ଉତ୍କଳବାସୀ', ମହୁରୀ ରାଜାଙ୍କ ପୃଷ୍ଠପୋଷକତା ଓ ସୀମାଦ୍ରି ପଣ୍ଡାଙ୍କ ଦ୍ୱାରା ସଂପାଦିତ 'ନବୀନ', ଶଶିଭୂଷଣ ରଥଙ୍କ ସଂପାଦକତ୍ୱରେ ବ୍ରହ୍ମପୁରରୁ ପ୍ରକାଶ ପାଉଥିବା ସର୍ବପ୍ରଥମ ଖବର କାଗଜ 'ଆଶା'(୧୯୧୩) ଏବଂ ସାପ୍ତାହିକ 'New Orissa' ସମଗ୍ର ଦକ୍ଷିଣ ଓଡ଼ିଶାରେ ଏକ ନବ ଜାଗରଣ ସୃଷ୍ଟି କରି ପାରିଥିଲା । (ସୁଧାକର ପଟ୍ଟନାୟକ- ସମ୍ବାଦପତ୍ରରୁ ଓଡ଼ିଶାର କଥା, କଟକ,୧୯୭୨, ପୃ:୩-୪; ଡ. ପ୍ରଦୀପ କୁ. ପଟ୍ଟନାୟକ- ଗଞ୍ଜାମର ପତ୍ରପତ୍ରିକା, ୨୦୧୬,ପୃ:୮-୯) ଏତଦ୍ ବ୍ୟତୀତ ଗାନ୍ଧୀ ସମାଚାର, ଉତ୍କଳ ମଧୁପ, ସତ୍ୟବାଦୀ, ଉତ୍କଳ ହିତୈଷିଣୀ, ପ୍ରଭାତ, ଶିଶିର, ବୀଣା, ବହିତ୍ର ଆଦି ପତ୍ରିକା ଓଡ଼ିଆ ସାହିତ୍ୟ ବିକାଶରେ ଗୋଟିଏ ଗୋଟିଏ ମାଇଲଖୁଣ୍ଟ କହିଲେ ସତ୍ୟର ଅପଳପ ହେବ ନାହିଁ। ସୁତରାଂ ଦକ୍ଷିଣ ଓଡିଶାର ଅନ୍ୟତମ ପ୍ରମୁଖ ଅଂଶ ଭାବେ କନ୍ଧମାଳ ଜିଲ୍ଲା ସ୍ୱୀକୃତ । ଆଲୋଚ୍ୟ ଜିଲ୍ଲାରୁ ପ୍ରକାଶିତ ପତ୍ରପତ୍ରିକା ଓଡ଼ିଆ ସାହିତ୍ୟ ବିକାଶରେ କିପରି ଯଥାଯୋଗ୍ୟ ସହାୟତା ପ୍ରଦାନ କରିଛନ୍ତି, ତା' ସମ୍ପର୍କରେ ସମ୍ପ୍ରତି ଆଲୋକପାତ କରିବା ଯଥାର୍ଥ ମନେହୁଏ ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ୧୯୪୫ ମସିହାରେ ଆଲୋଚ୍ୟ ଜିଲ୍ଲାର ପ୍ରଥମ ପତ୍ରିକା ପ୍ରକାଶ ପାଇଥିବା ବେଳେ କନ୍ଧମାଳ ଏକ ସ୍ୱତନ୍ତ୍ର ଜିଲ୍ଲା ଭାବେ ସରକାରୀ ସ୍ୱୀକୃତି ପାଇନଥିଲା । ଏହା ପ୍ରଥମତଃ ବୌଦ୍ଧ-କନ୍ଧମାଳ ନାମରେ ପରିଚିତ ଥିଲା । ଆପାତତଃ ୧୯୩୬ ମସିହା ପର୍ଯ୍ୟନ୍ତ ଫୁଲବାଣୀ ଅନୁଗୁଳ ଜିଲ୍ଲାର ଏକ ଅଂଶ ରୂପେ ରହିଥିଲା । ୧୯୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେଲା ପରେ, ଫୁଲବାଣୀ ଉପଖଣ୍ଡ ଅନୁଗୁଳରୁ ପୃଥକ ହୋଇ ବାଲିଗୁଡା ଖଣ୍ଡରେ ସାମିଲ୍ ହୋଇ ଗଞ୍ଜାମ ଜିଲ୍ଲା ଅଧୀନରେ ରହିଲା । ୧୯୪୮ରେ ବଉଦ-କନ୍ଧମାଳ ଜିଲ୍ଲାର ପୁନଃ ଗଠନ କରାଗଲା ଏବଂ ଏହାର ମୁଖ୍ୟ ଦପ୍ତର ଫୁଲବାଣୀରେ ରଖାଯାଇଥିଲା । ୦୧.୦୪.୧୯୪୯ରେ ବାଲିଗୁଡା ଉପଖଣ୍ଡ ଗଞ୍ଜାମରୁ ପୃଥକ ହୋଇ ବଉଦ-କନ୍ଧମାଳ ଜିଲ୍ଲାରେ ମିଶିଥିଲା । ୧୯୮୪ର ସରକାରୀ ଆଦେଶାନୁସାରେ ଏହି ଜିଲ୍ଲାର ନାମ ପରିବର୍ତ୍ତିତ ହୋଇ ଫୁଲବାଣୀ ରଖାଗଲା । ଓଡ଼ିଶା ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ତା୦୧.୦୧.୧୯୯୪ ରିଖ ଠାରୁ ବୌଦ୍ଧ ଉପଖଣ୍ଡ ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପାଇ ଏହି ଜିଲ୍ଲାରୁ ଅଲଗା ହୋଇଯିବା ପରେ କେବଳ କନ୍ଧମାଳ ଓ ବାଲିଗୁଡା ଉପଖଣ୍ଡ ହିଁ ଫୁଲବାଣୀ ଜିଲ୍ଲାରେ ରହିଲା । ୧୯୯୪ରେ ପୁନଃ ଜିଲ୍ଲାବାସୀଙ୍କ ଦାବୀକୁ ସ୍ୱୀକାର କରି ଓଡ଼ିଶା ସରକାର ଜିଲ୍ଲାର ନାମକୁ କନ୍ଧମାଳ ନାମରେ ନାମିତ କଲେ ।(ଡ. ସରୋଜ କୁମାର ପରିଡା- କନ୍ଧମାଳର ଲୋକ ସଂସ୍କୃତି, ଲୋକ ସଂସ୍କୃତି ଗବେଷଣା ପରିଷଦ, ପୁରୀ, ୨୦୧୫,


© 2025 Bikash Barman. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ପୃଷ୍ଠା: ୧୮-୧୯)ଅତଏବ ଏହି ଜିଲ୍ଲାରୁ ପ୍ରକାଶିତ ପତ୍ରପତ୍ରିକା ଓଡ଼ିଆ ସାହିତ୍ୟ ବିକାଶରେ କିପରି ସହାୟତା କରିଛନ୍ତି ତା' ସମ୍ପର୍କରେ ଉଲ୍ଲେଖ କରିବା ଏ ପ୍ରବନ୍ଧର ମୁଖ୍ୟ ଉଦ୍ଦେଶ୍ୟ ।

ସର୍ବୋପରି କନ୍ଧମାଳ ଜିଲ୍ଲା ଏକ ଆଦିବାସୀ ଅଧ୍ଯୁଷିତ ଜିଲ୍ଲା ହେଲେ ହେଁ ଏହି ଜିଲ୍ଲାର ବୁଦ୍ଧିଜୀବୀମାନଙ୍କ ସଦିଚ୍ଛା ତଥା ସାରସ୍ୱତ ପ୍ରୟାସ ଦ୍ୱାରା ବହୁ ପତ୍ରପତ୍ରିକା ପ୍ରକାଶ ପାଇଛି, ପାଉଛି ଓ ଆଗାମୀ ଦିନରେ ମଧ୍ୟ ପ୍ରକାଶ ପାଇବାର ସଂଭାବନାକୁ ଅସ୍ୱୀକାର କରାଯାଇନପାରେ । ଆଲୋଚ୍ୟ ଜିଲ୍ଲାର ପ୍ରଥମ ପତ୍ରିକା 'ବୌଦ୍ଧ ବାର୍ତ୍ତା' ୧୯୪୫ ମସିହାରେ ଜଗଦୀଶ ପ୍ରେସର ମେନେଜର୍ ଶ୍ରୀ ଏନ୍. ମିଶ୍ରଙ୍କ ସମ୍ପାଦନାରେ ଏକ ପାକ୍ଷିକ ପତ୍ରିକା ଭାବରେ ପ୍ରକାଶିତ ହୋଇଥିଲା । ପ୍ରକାରାନ୍ତରେ ଏହି ପତ୍ରିକା ପୂର୍ବରୁ ବୌଦ୍ଧ ଷ୍ଟେଟର ଷ୍ଟେଟ୍ ଗେଜେଟ୍ ମାସିକ ଭାବରେ ଇଂରାଜୀ ଭାଷାରେ ପ୍ରକାଶ ପାଉଥିବା କଥା Reports on the Administration, Boudh State (1945-46), page-72ରେ ଉଲ୍ଲେଖ ଥିବା ଜଣାଯାଏ । ସେହି ବର୍ଷ ଅର୍ଥାତ୍ ୧୯୪୫ରେ 'ସ୍ୱାଧୀନ ବୌଦ୍ଧ ବାର୍ତ୍ତା' ନାମକ ଅନ୍ୟ ଏକ ପତ୍ରିକା ପ୍ରକାଶ ପାଇଥିଲା, ଯାହାର ସଂପାଦକ ନିଜକୁ 'ସ୍ପଷ୍ଟ ବକ୍ତା' ଛଦ୍ମ ନାମରେ ପରିଚିତ କରିଥିଲେ । ୧୯୫୩ ମସିହାରେ ନବୀନ ଚନ୍ଦ୍ର ନାଏକଙ୍କ ସମ୍ପାଦନାରେ ମାସିକ ସମ୍ବାଦ ଓ ସାହିତ୍ୟ ପତ୍ରିକା 'ଅନ୍ୱେଷଣ' ଘୁ. ଉଦୟଗିରିରୁ ଆତ୍ମପ୍ରକାଶ କରିଥିବା ଜଣାଯାଏ । ୧୯୫୭ ମସିହା ରେ ବୌଦ୍ଧରୁ 'ସାଥୀ' ନାମକ ଏକ ହାତଲେଖା ସାହିତ୍ୟ ପତ୍ରିକା ଲଡୁ କିଶୋର ମିଶ୍ରଙ୍କ ସଂପାଦକତ୍ୱରେ ପ୍ରକାଶ ପାଇଥିବା ବେଳେ ୧୯୬୭ ରୁ ୧୯୬୯ ମସିହା ପର୍ଯ୍ୟନ୍ତ ନାଜିର୍ ଅକ୍ତାରଙ୍କ ସମ୍ପାଦନାରେ ଫୁଲବାଣୀରୁ ସାପ୍ତାହିକ ସମ୍ବାଦ ଓ ସମାଲୋଚନା ପତ୍ରିକା 'ସଂଗ୍ରାମ' ପ୍ରକାଶ ପାଇଥିଲା ।

ସେହିପରି 'ବାଣୀ ଦୂତ' ନାମକ ଅନ୍ୟତମ ଅର୍ଦ୍ଧ ବାର୍ଷିକ ସାହିତ୍ୟ ପତ୍ରିକା ହରଭଂଗା ଶିକ୍ଷକ ସଂଘର ମୁଖପତ୍ର ଭାବେ ୧୯୬୮ ମସିହାରେ ପ୍ରକାଶ ପାଇଥିବା ବେଳେ, ୧୯୭୧ରେ ଘୁ.ଉଦୟଗିରିରୁ ଯତୀନ୍ଦ୍ର କୁମାର ଦାସଙ୍କ ସଂପାଦନାରେ 'ଲୋକ ଶକ୍ତି' ନାମକ ଏକ ସାପ୍ତାହିକ ଲିଥୁ ସମ୍ବାଦ ପତ୍ରିକା ପ୍ରକାଶିତ ହୋଇ ଜନ ସଚେତନତା ସୃଷ୍ଟିରେ ସହାୟକ ହୋଇଥିଲା । ଅନ୍ୟତମ ତ୍ରୟ ମାସିକ ସାହିତ୍ୟ ପତ୍ରିକା 'ବନମାଳା' ଫୁଲବାଣୀ ମୋହନ ଦାସ କରମ ଚାନ୍ଦ ସାଂସ୍କୃତିକ ପରିଷଦ ତରଫରୁ କୁମୁଦ ଚନ୍ଦ୍ର ମଲ୍ଲିକଙ୍କ ସମ୍ପାଦନାରେ ୧୯୭୨ ମସିହାରେ ପ୍ରକାଶ ଲାଭ କରିଥିଲା । ଏହା ତତ୍କାଳୀନ ଯୁବ ସାହିତ୍ୟିକଙ୍କୁ ବେଶ୍ ଉତ୍ସାହିତ କରିବାରେ ସମର୍ଥ ହୋଇଥିବା ଜଣାଯାଏ । ପରବର୍ତ୍ତୀ ସମୟରେ ଏହା ତ୍ରୈମାସିକରୁ ମାସିକ ଭାବେ ପ୍ରକାଶ ପାଇଥିଲା। ସେହି ବର୍ଷ ହରଭଂଗାରୁ ଅନ୍ୟତମ ସାହିତ୍ୟ ପତ୍ରିକା 'ବଣମଲ୍ଲୀ' ଘନଶ୍ୟାମ ପାଣିଙ୍କ ସଂପାଦକତ୍ୱରେ ପ୍ରକାଶ ପାଇଥିଲେ ହେଁ, ମାତ୍ର ଗୋଟିଏ ସଂଖ୍ୟା ପରେ ଏହା ପ୍ରକାଶ ପାଇବା ପାଇଁ ସକ୍ଷମ ହୋଇପାରିନଥିଲା । ଏତଦ୍ ଭିନ୍ନ ୧୯୭୨ରେ ଫୁଲବାଣୀରୁ ସାମୟିକ ମିନି ପତ୍ରିକା 'ଆଶା' ପ୍ରଣବ କୁମାର ମଣ୍ଡଳ ଓ ରବୀନ୍ଦ୍ର କୁମାର ଦାଶଙ୍କ ଦ୍ୱୈତ ସମ୍ପାଦନାରେ ପ୍ରକାଶିତ ହୋଇଥିଲା । ୧୯୭୨ରେ ଫୁଲବାଣୀରୁ ପ୍ରସାଦ ରାଓଙ୍କ ସମ୍ପାଦନାରେ ସାହିତ୍ୟ ପତ୍ରିକା 'ଭଗ୍ନାଂଶ', ଘୁ.ଉଦୟଗିରିରୁ କରୁଣାକର ନାୟକଙ୍କ ସମ୍ପାଦନାରେ ତ୍ରୈମାସିକ ସାହିତ୍ୟ ପତ୍ରିକା 'ପଲ୍ଲୀପୁଷ୍ପ' ପ୍ରକାଶ ପାଇ ଓଡିଆ ସାହିତ୍ୟର ବିକାଶରେ ନିଜର ଯୋଗଦାନ ଦେଇଥିଲା । ସେହିପରି ୧୯୭୩ରେ ବାଲିଗୁଡାରୁ ସୁବାଷ ଚନ୍ଦ୍ର ପାତ୍ରଙ୍କ ଦ୍ୱାରା ସାମୟିକ ସାହିତ୍ୟ ପତ୍ରିକା 'ବିନ୍ଦୁ', ଘୁ. ଉଦୟଗିରିରୁ 'ଇନ୍ଦୁ' ସାହିତ୍ୟ ପତ୍ରିକା ଯାହାର ସମ୍ପାଦନା ଦାୟିତ୍ୱ ନେଇଥିଲେ ବାବାଜୀ ଚରଣ ସ୍ୱାଇଁ, ପଦ୍ମ ଚରଣ ନାୟକ, ଶଶଧର ଦାଶ, ବ୍ରଜ କିଶୋର ପଟ୍ଟନାୟକ ଓ କିଶୋର ଡାଙ୍ଗ ପ୍ରମୁଖ ।

ସମୟାନୁସାରେ କନ୍ଧମାଳ ଜିଲ୍ଲାର ବୁଦ୍ଧିଜୀବୀମାନଙ୍କର ସାହିତ୍ୟ ପ୍ରତି ଅନୁରାଗ ଏବଂ ସାମାଜିକ, ରାଜନୀତିକ, ଅର୍ଥନୀତିକ ଜାଗରଣ ତଥା ସଚେତନତାର ବୃଦ୍ଧି ହେତୁ ପତ୍ରପତ୍ରିକାର ବହୁଳ ପ୍ରକାଶନ ଘଟିଥିବା ପରିଲକ୍ଷିତ ହୁଏ । ଏହି ଆଧାରରେ ୧୯୭୭ ମସିହାରେ ବୌଦ୍ଧରୁ 'ବଉଦ' ନାମକ ଏକ ସାହିତ୍ୟ ପତ୍ରିକା ପ୍ରଥମେ ଦ୍ୱିମାସିକ ଓ ପରେ ମାସିକ ଭାବେ ପ୍ରଫୁଲ୍ଲ ମହାକୁଳଙ୍କ ସମ୍ପାଦନାରେ ପ୍ରକାଶ ପାଇଥିଲା । ଅପରନ୍ତୁ ଧାର୍ମିକ ଚେତନାର ପ୍ରଚାର ଓ ପ୍ରସାରକୁ ଗୁରୁତ୍ୱ ପ୍ରଦାନ କରି ୧୯୭୮ ମସିହାରେ ତ୍ରୈମାସିକ ଧର୍ମମୂଳକ ସାହିତ୍ୟ ପତ୍ରିକା 'ଭାରତୀୟ ସଂସ୍କୃତି ଓ ବିଭୂତି' ବନମାଳୀ ପଟ୍ଟନାୟକଙ୍କ ସମ୍ପାଦନାରେ ଫୁଲବାଣୀରୁ ଆତ୍ମପ୍ରକାଶ କରିଥିଲା । ୧୯୮୦ ମସିହାରେ ଘୁ.ଉଦୟଗିରିରୁ ବିବେକାନନ୍ଦ ପାଣିଗ୍ରାହୀଙ୍କ ସମ୍ପାଦକତ୍ୱରେ 'ସରଣୀ' ପ୍ରକାଶ ପାଇ ସାହିତ୍ୟିକ ମାନଙ୍କୁ ସର୍ଜନା କ୍ଷେତ୍ରରେ ବେଶ୍ ଉତ୍ସାହିତ କରିଥିବା ଜଣାଯାଏ । ଏ କ୍ରମରେ ୧୯୮୧ରେ ନିରଞ୍ଜନ ମହାନ୍ତିଙ୍କ ସମ୍ପାଦନାରେ ଦ୍ୱି-ମାସିକ ସାହିତ୍ୟ ପତ୍ରିକା 'ମଶାଲ' ଏବଂ ବିଭୂତି ମହାନ୍ତିଙ୍କ ସମ୍ପାଦନାରେ 'ନିର୍ଝର' ମାସିକ ପତ୍ରିକା ଘୁ.ଉଦୟଗିରିରୁ ଆତ୍ମପ୍ରକାଶ କରିଥିଲା । କିନ୍ତୁ ବିବିଧ କାରଣରୁ ଏହା ବେଶୀ ଦିନ ତିଷ୍ଠି ପାରିନଥିଲା ।

୧୯୮୧ ମସିହାରେ ଫୁଲବାଣୀ ଯୁବ ଲେଖକ ସାମ୍ମୁଖ୍ୟର ମୁଖପତ୍ର ଭାବରେ ଯୁଗଳ କିଶୋର ଶତପଥୀଙ୍କ ସମ୍ପାଦନାରେ 'ଇପ୍ସିତା' ନାମକ ଏକ ତ୍ରୈମାସିକ ସାହିତ୍ୟ ପତ୍ରିକା ପ୍ରକାଶ ପାଇଥିଲା । ପରବର୍ତ୍ତୀ ସମୟରେ ଯୁବ ଲେଖକ ସାମ୍ମୁଖ୍ୟ, ଜିଲ୍ଲା ଲେଖକ ସାମ୍ମୁଖ୍ୟ ନାମରେ ପରିଚିତ ହୋଇଥିବା ବେଳେ ଏ ଯାବତ୍ 'ଇପ୍ସିତା' ଏକ ନିରୁତା ସାହିତ୍ୟ ପତ୍ରିକାର ମର୍ଯ୍ୟାଦା ବହନ କରି ଆତ୍ମପ୍ରକାଶ କରୁଛି । ଏହା ଓଡ଼ିଆ ସାହିତ୍ୟ ବିକାଶରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ବିଷୟକୁ ଅସ୍ୱୀକାର କରାଯାଇ ନପାରେ । ୧୯୮୨ ମସିହାରେ ସାମ୍ବାଦିକ ମହାଦେବ ସାହୁଙ୍କ ସମ୍ପାଦକତ୍ୱରେ ସାପ୍ତାହିକ ସମ୍ବାଦ ପତ୍ର 'ଜାଗରଣ' , ୧୯୮୩ରେ ପ୍ରଫୁଲ୍ଲ ମହାକୁଳଙ୍କ ଦ୍ୱାରା ସାପ୍ତାହିକ ସମ୍ବାଦ ତଥା ସାହିତ୍ୟ ପତ୍ର 'ଜନରାଜ୍ୟ' ପ୍ରକାଶିତ ହେଉଥିଲା । ପକ୍ଷାନ୍ତରରେ ୧୯୮୫ ଫେବୃଆରୀ ଘୁ. ଉଦୟଗିରିରୁ 'ଗଣଚେତନା' ଶୀର୍ଷକ ଏକ ସାହିତ୍ୟ ପତ୍ରିକା ନିରଞ୍ଜନ ମହାନ୍ତି ସମ୍ପାଦନାରେ, ୧୯୮୫ରେ ଡ. ଶ୍ରୀଶ ପଟେଲ ସମ୍ପାଦନାରେ ଫୁଲବାଣୀରୁ ଅନ୍ୟତମ ମିନି ସାହିତ୍ୟ ପତ୍ରିକା ଅନ୍ତର୍ଦେଶୀୟ ପତ୍ର ଆକାରରେ 'ଫୁଲ' ନାମରେ ଆତ୍ମପ୍ରକାଶ କରିଥିଲା । ପରବର୍ତ୍ତୀ ସମୟରେ ସଂପାଦକଙ୍କ ସ୍ଥାନାନ୍ତର ଯୋଗୁଁ ଏହା ଭୁବନେଶ୍ୱରରୁ ପ୍ରକାଶ ପାଇଥିଲା । ସେହିପରି ବସୁଦେବ ମିଶ୍ରଙ୍କ ସମ୍ପାଦନାରେ ଘୁ. ଉଦୟଗିରିରୁ 'ବାଣୀ' ସାହିତ୍ୟ ପତ୍ରିକା ୧୯୮୫ ମସିହାରେ ଓ ସେ ବର୍ଷ ଅନ୍ୟ ଏକ ସାହିତ୍ୟ ପତ୍ରିକା(ଶିଶୁ) 'ଅଭିମନ୍ୟୁ' ଫୁଲବାଣୀରୁ ପ୍ରକାଶ ପାଇଥିଲା । ୧୯୮୬ ମସିହାରେ 'ସଂବିତ୍' ନାମକ ଏକ ମାସିକ ସାହିତ୍ୟ ପତ୍ରିକା ରବୀନ୍ଦ୍ରନାଥ ମିଶ୍ରଙ୍କ ସମ୍ପାଦନାରେ ଫୁଲବାଣୀରୁ ପ୍ରକାଶ ପାଇଥିବା ବେଳେ, ସୌରେନ୍ଦ୍ର କିଶୋର ଷଡଙ୍ଗୀଙ୍କ ଦ୍ୱାରା 'ହିତବାର୍ତ୍ତା' ଏବଂ ବନମାଳୀ ପାଣିଗ୍ରାହୀଙ୍କ ସମ୍ପାଦନାରେ ବୌଦ୍ଧରୁ ସମ୍ବାଦ ଓ ସାହିତ୍ୟ ପତ୍ରିକା 'ମର୍ମ' ପ୍ରକାଶ ପାଇଥିବା ଜଣାଯାଏ ।

କନ୍ଧମାଳର ଅନ୍ୟତମ ଅଞ୍ଚଳ ଦାରିଙ୍ଗବାଡିରୁ ୧୯୮୬ ମସିହାରେ ବାବାଜୀ ଚରଣ ସ୍ୱାଇଁଙ୍କ ସମ୍ପାଦନାରେ 'ଝରଣା' ନାମକ ଏକ ସାହିତ୍ୟ ପତ୍ରିକା ପ୍ରକାଶ ପାଇ ସେହି ଅଞ୍ଚଳର ସାହିତ୍ୟ ପ୍ରାଣ ବୁଦ୍ଧିଜୀବୀଙ୍କୁ ଉତ୍ସାହିତ କରିଥିଲା । ଅପରନ୍ତୁ ଆଲୋଚ୍ୟ ଜିଲ୍ଲାର ସମଗ୍ର ଜନସଂଖ୍ୟାରେ ଆଦିବାସୀଙ୍କ ମାତ୍ରା ବେଶୀ । ତେଣୁ ଆଦିବାସୀ ଓ ହରିଜନଙ୍କ ବିବିଧ ସମସ୍ୟା ଭାବରେ ପରିଗଣିତ ହୋଇଥାଏ । ସୁତରାଂ ଏମାନଙ୍କ ଉନ୍ନୟନ ଆଧାରରେ ୧୯୮୬ ମସିହାରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଫୁଲବାଣୀ ତରଫରୁ 'ଆମ ଫୁଲବାଣୀ' ନାମକ ଏକ ପତ୍ରିକା ପ୍ରକାଶ ପାଉଥିବା ଜଣାଯାଏ । ୧୯୮୭ ମସିହାରୁ ଫୁଲବାଣୀରୁ 'ଜ୍ଞାନଝର' ଶୀର୍ଷକ ଅନ୍ୟ ଏକ ପତ୍ରିକା ହରେକୃଷ୍ଣ ଆଚାର୍ଯ୍ୟଙ୍କ ସମ୍ପାଦନାରେ ପ୍ରକାଶ ପାଇଥିଲା ଯାହା ସାଧାରଣ ଜ୍ଞାନ ଉପରେ ପର୍ଯ୍ୟବେସିତ ଏକ ମାସିକୀ ଭାବେ ପରିଚିତ ଥିଲା । ସେହିପରି ବାଲିଗୁଡାରୁ ୧ ଜାନୁୟାରୀ ୧୯୮୮ରୁ 'ଅରଣ୍ୟ' ମାସିକ ସାହିତ୍ୟ ପତ୍ର ସୌଜନ୍ୟ ସଂପାଦକ ରଘୁନାଥ ରଥ ଓ ସଂପାଦକ ଧ୍ରୁବଚର ଘିବିଲାଙ୍କ ପ୍ରଚେଷ୍ଟାରେ ପ୍ରକାଶିତ ହୋଇ ଯୁବ ସାହିତ୍ୟ ସାଧକଙ୍କୁ ଉତ୍ସାହିତ କରିବା କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଇଥିଲା । ୧୯୮୯ ମସିହାରେ ଘୁ.ଉଦୟଗିରିରୁ ପତିତପାବନ ସାହୁଙ୍କ ସମ୍ପାଦନାରେ ପ୍ରକାଶ ପାଇଥିଲା ସମ୍ବାଦ ଓ ସାହିତ୍ୟ ଭିତ୍ତିକ


© 2025 Bikash Barman. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ପତ୍ରିକା 'ଗଣମୁକ୍ତି' (ପତ୍ରପତ୍ରିକା ଓ ଲେଖକ ପରିଚୟ ଫୁଲବାଣୀ, ସଂପାଦନା- ରଘୁନାଥ ରଥ ଓ ବାବାଜୀ ଚରଣ ସ୍ୱାଇଁ, ୧୯୮୯, ବଉଦ, ପୃଷ୍ଠା: ୧-୭) ଏତଦ୍ ବ୍ୟତୀତ ଫୁଲବାଣୀରୁ ରବୀନ୍ଦ୍ରନାଥ ଦାଶଙ୍କ ସଂପାଦନାରେ ପ୍ରକାଶିତ ଶିଶୁ ସାହିତ୍ୟ ପତ୍ରିକା 'ଶିଶୁ ଭାରତ' ଶିଶୁ ସାହିତ୍ୟ ବିକାଶରେ ସହାୟକ ଥିଲା ।

ଅନ୍ୟତମ ସାହିତ୍ୟ ପତ୍ରିକା 'ବାଣୀଫୁଲ'ର ଅବଦାନ ଏ କ୍ଷେତ୍ରରେ ଅତୁଳନୀୟ । ୧୯୯୨ ମସିହାରେ ପ୍ରଥମେ ସରକାରୀ ମହାବିଦ୍ୟାଳୟ, ଫୁଲବାଣୀରୁ ରାମକୃଷ୍ଣ ମହାନ୍ତିଙ୍କ ସମ୍ପାଦନାରେ ଏହା ଆତ୍ମପ୍ରକାଶ କରିଥିବା ବେଳେ, ପରବର୍ତ୍ତୀ ସମୟରେ ଏହା ସାଧାରଣ ପତ୍ରିକା ଭାବେ ସାହିତ୍ୟ ବିକାଶରେ ସହାୟକ ହୋଇଥିଲା । ୧୯୯୩ ମସିହାରୁ ଏ ଯାବତ୍ ବନଜ୍ୟୋତ୍ସ୍ନା ସାହିତ୍ୟ ପରିଷଦର ମୁଖପତ୍ର 'ବନଜ୍ୟୋତ୍ସ୍ନା' କାହ୍ନୁ ଚରଣ ଶତପଥୀଙ୍କ ସମ୍ପାଦନାରେ ନିରବଚ୍ଛିନ୍ନ ଭାବରେ ପ୍ରକାଶିତ ହେଉଛି । କନ୍ଧମାଳ ଜିଲ୍ଲାର ଯେଉଁ କେତୋଟି ପତ୍ରିକା ଦୀର୍ଘଜୀବୀ ହୋଇଛି ସେଥି ମଧ୍ୟରେ 'ବନଜ୍ୟୋତ୍ସ୍ନା' ଅନ୍ୟତମ । ବନାନୀ ସାହିତ୍ୟ ସଂସ୍କୃତି ପରିଷଦ, ତୁମୁଡିବନ୍ଧ ଆନୁକୂଲ୍ୟରେ ରଘୁନାଥ ରଥଙ୍କ ସମ୍ପାଦନାରେ ୧୯୯୬ ମସିହାରେ ପ୍ରକାଶ ଲାଭ କରିଥିଲା 'ବନବାଣୀ' ପତ୍ରିକା । ଏହା ବାର୍ଷିକ ପତ୍ରିକା ଭାବେ ଭାବେ କିଛି ଦିନ ପ୍ରକାଶ ପାଇବା ପାରେ ଏବେ ଅପ୍ରକାଶିତ ଅବସ୍ଥାରେ ଥିବା ଜଣାଯାଏ । ଅନ୍ୟ ପକ୍ଷରେ ଶାଳବଣ ସାହିତ୍ୟ ସଂସଦ, ବାଲିଗୁଡା ତରଫରୁ ମୁଖପତ୍ର 'କୁରେଇ' ବାର୍ଷିକ ଭାବେ ୧୯୯୬ ମସିହାରୁ ଏ ଯାବତ୍ ପ୍ରକାଶ ପାଇ ଅଞ୍ଚଳର ସାହିତ୍ୟିକ ଉନ୍ନତିରେ ସହାୟକ ହେଉଛି । ସେହିପରି ବନବାସୀ ସେବା ସମିତି ତରଫରୁ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଟ୍ଟନାୟକଙ୍କ ସୌଜନ୍ୟରୁ ୨୦୦୮ ମସିହାରୁ ପ୍ରକାଶ ପାଉଛି 'ବନବାସୀ' ପତ୍ରିକା । ବନବାସୀ ସାହିତ୍ୟ ପରିଷଦ, ଖଜୁରୀପଡା ଆନୁକୂଲ୍ୟରେ ପ୍ରକାଶିତ ପତ୍ରିକା 'ପୌର୍ଣ୍ଣମାସୀ', ଫୁଲବାଣୀରୁ ତୀର୍ଥାନନ୍ଦ ମିଶ୍ରଙ୍କ ସମ୍ପାଦନାରେ ୧୯୯୭ ମସିହାରେ ପ୍ରକାଶ ପାଇଥିବା 'ଅନ୍ୱେଷା' ପତ୍ରିକା, ଫୁଲବାଣୀରୁ କିଶୋର ପଟ୍ଟନାୟକ ଓ କୈଳାଶ ଧଳଙ୍କ ସମ୍ପାଦନାରେ 'ଫୁଲରାଣୀ'(୧୯୯୭) ଓଡ଼ିଆ ସାହିତ୍ୟ ବିକାଶରେ ପୂର୍ଣ୍ଣ ସହଯୋଗ କରିଥିବା ବିଷୟ ବିନା ଦ୍ୱିଧାରେ ସ୍ୱୀକାର କରାଯାଇପାରେ । ଅପରନ୍ତୁ ୧୯୯୬ରେ ଦାରିଙ୍ଗବାଡିରେ ପ୍ରତିଷ୍ଠା ହୋଇଥିବା ବନାନୀ ସାରସ୍ୱତ ପରିଷଦ ତରଫରୁ ୨୦୧୨ ମସିହାରୁ ବିଦେଶୀ ନାୟକଙ୍କ ସମ୍ପାଦନାରେ ପ୍ରକାଶିତ 'ହିରଣ୍ୟଦା', ଫିରିଙ୍ଗିଆର ସବୁଜଶ୍ରୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଚିତ୍ତରଞ୍ଜନ ମିଶ୍ରଙ୍କ ସମ୍ପାଦନାରେ ୨୦୧୨ ମସିହାରୁ ପ୍ରକାଶିତ 'ଶୈଳଶ୍ରୀ' ସାହିତ୍ୟ ପତ୍ରିକା ଓଡ଼ିଆ ସାହିତ୍ୟର ବିକାଶରେ ଯଥାସାଧ୍ୟ ସହଯୋଗ କରୁଅଛନ୍ତି ।

ଏତଦ୍ ଭିନ୍ନ ଉକ୍ତ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ପ୍ରକାଶ ପାଉଥିବା ମୁଖପତ୍ର ଏବଂ ପ୍ରାଚୀର ପତ୍ର ସାହିତ୍ୟର ପ୍ରଚାର ପ୍ରସାରରେ ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି- ଏଥିରେ ସନ୍ଦେହ ନାହିଁ । ଫୁଲବାଣୀ ସରକାରୀ ମହାବିଦ୍ୟାଳୟରୁ ପ୍ରକାଶିତ 'ଆରଣ୍ୟକ' ଓ 'ସାଲୁଙ୍କୀ', କଳିଙ୍ଗ ମହାବିଦ୍ୟାଳୟ, ଘୁ.ଉଦୟଗିରିର ମୁଖପତ୍ର 'କଳିଙ୍ଗ ପ୍ରଭା' ଓ ପ୍ରାଚୀର ପତ୍ର 'ପ୍ରତିଧ୍ୱନି', ଘୁ.ଉଦୟଗିରି, ହବାକ୍ ଉଚ୍ଚ ବିଦ୍ୟାଳୟର ମୁଖପତ୍ର 'ଧରାଶ୍ରୀ', ବାଳିକା ଉଚ୍ଚ ବିଦ୍ୟାଳୟର ମୁଖପତ୍ର 'ପ୍ରଣତି' , ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟ, ଟିକାବାଲିର ମୁଖପତ୍ର 'ବନପ୍ରଭା', ଆଦିବାସୀ ମହାବିଦ୍ୟାଳୟ, ବାଲିଗୁଡାର ମୁଖପତ୍ର 'ଆଦିବାସୀ' ଓ ପ୍ରାଚୀର ପତ୍ର 'ପୁଷ୍ପିତା' ସାହିତ୍ୟର ପ୍ରସାର ଓ ବିକାଶରେ ପ୍ରଶଂସନୀୟ ଭୂମିକା ଗ୍ରହଣ କରିଥିବା ସ୍ୱୀକାର୍ଯ୍ୟ । ସର୍ବୋପରି କନ୍ଧମାଳ ଜିଲ୍ଲାରେ ପ୍ରକାଶ ପାଇଥିବା ବିଭିନ୍ନ ପତ୍ରପତ୍ରିକା ବିବିଧ କାରଣରୁ ଦୀର୍ଘଜୀବୀ ହୋଇପାରି ନାହାନ୍ତି, କିନ୍ତୁ ସାହିତ୍ୟର ବିକାଶରେ ଯଥାସାଧ୍ୟ ସହଯୋଗ କରିବାରେ କୃପଣତା ପ୍ରକାଶ କରିନାହାନ୍ତି । ବିଶେଷ କିଛି କରି ନପାରିଲେ ମଧ୍ୟ ଗୁଣ୍ଡୁଚି ମୂଷାର ଭୂମିକା ନିର୍ବାହ କରିବାରେ ସଫଳ ହୋଇଛନ୍ତି କହିଲେ ଅସମୀଚୀନ ହେବ ନାହିଁ ।

## ସହାୟକ ଗ୍ରନ୍ଥ ସୂଚୀ


1. ଆଚାର୍ଯ୍ୟ, ବୃନ୍ଦାବନ ଚନ୍ଦ୍ର – *ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ*, ଗ୍ରନ୍ଥ ମନ୍ଦିର, କଟକ।
2. ପଟ୍ଟନାୟକ, ପ୍ରଦୀପ କୁମାର (ଡ.) – *ଗଞ୍ଜାମର ପତ୍ରପତ୍ରିକା*, ବ୍ରହ୍ମପୁର।
3. ପଟ୍ଟନାୟକ, ସୁଧାକର – *ସମ୍ବାଦପତ୍ରରୁ ଓଡ଼ିଶାର କଥା*, କଟକ।
4. ପରିଡା, ସରୋଜ କୁମାର (ଡ.) – *କନ୍ଧମାଳର ଲୋକ ସଂସ୍କୃତି*, ଲୋକ ସଂସ୍କୃତି ଗବେଷଣା ପରିଷଦ, ପୁରୀ।
5. ରଥ, ରଘୁନାଥ ଓ ସ୍ୱାଇଁ, ବାବାଜୀ ଚରଣ (ସଂ.) – *ପତ୍ରପତ୍ରିକା ଓ ଲେଖକ ପରିଚୟ ଫୁଲବାଣୀ*, ବଉଦ।
6. ସାମଲ, ବୈଷ୍ଣବ ଚରଣ (ଡ.) – *ସମାଚାର-ସମାଲୋଚନା: ସ୍ୱର ଓ ସ୍ୱାକ୍ଷର*, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ।
7. ସାମନ୍ତରାୟ, ନଟବର (ଡ.) – *ଓଡ଼ିଆ ସାହିତ୍ୟର ଇତିହାସ (୧୮୦୩-୧୯୨୦)*, ଭୁବନେଶ୍ୱର।



**Creative Commons (CC) License**

This article is an open-access article distributed under the terms and conditions of the Creative Commons Attribution (CC BY 4.0) license. This license permits unrestricted use, distribution, and reproduction in any medium, provided the original author and source are credited.


**About the corresponding author**




ଡ଼. ନଳିନୀ କୁମାର ପାଣିଗ୍ରାହୀ ସମକାଳୀନ କବିତା ଏବଂ ସମାଲୋଚନା ରଚନା କ୍ଷେତ୍ରରେ ଜଣେ ଚର୍ଚ୍ଚିତ ବ୍ୟକ୍ତିତ୍ୱ । ତାଙ୍କର କବିତା ମାନବୀୟ ଜୀବନବୋଧର କଥା କହିବାରେ ଯେପରି ସମର୍ଥ; ସମାଲୋଚନା ସେପରି ବିଷୟ ଉପସ୍ଥାପନରେ ବୈଚିତ୍ର୍ୟ, ନିରୋଳା ଭାଷା ଏବଂ ଅନ୍ତର୍ଦୃଷ୍ଟି ସଂପନ୍ନ ଭାବ ବିନ୍ୟାସରେ ଅନନ୍ୟ । ତାଙ୍କର ଅନେକ ପ୍ରବନ୍ଧ, ସମାଲୋଚନା ଓ କବିତା ଭାରତର ବହୁ ପ୍ରତିଷ୍ଠିତ ପତ୍ରପତ୍ରିକାରେ ପ୍ରକାଶିତ।




© 2025 Bikash Barman. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/